# ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୦୯-୨୦୧୦

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ସୁରକ୍ଷା ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ସ୍ୱେଚ୍ଛାସେବୀ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା ୫ ଜୁନ୍, ୨୦୧୦ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଏକ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନକୁ ଏକ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ଏକ ମାନପତ୍ର ସହ ଟ୨,୦୦୦/- (ଦୁଇ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତା୧/୧୨/୨୦୦୯ରିଖ ରୁ ତା୩୧/୧୨/୨୦୦୯ରିଖ ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁଷଙ୍ଗିକ ପ୍ରମାଣପତ୍ର ସହ ତା୩୧/୧୨/୨୦୦୯ରିଖ ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

ପ୍ରମୁଖ ଶାସନ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ